**ସଂକ୍ଷେପରେ**

## ମହିଳା ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର




ଜୟପୁର,୧୪।୧୧ (ନି.ପ୍ର.)- ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ, ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏହାକୁ କଲେଜ ଅଧକ୍ଷା ଡ. ମନୋରମା ଦେବୀ ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ୍‌ର କାଉନସେଲର ଡ. କନକଲତା ମହାପାତ୍ର ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ମନୋରଞ୍ଜନ ପ୍ରଧାନ ଓ ସୀମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଅକ୍ଷୟ ସାହୁ, ଟେକନିସିଆନ୍ ବୁଲୁ ଗୌଡ, ଶଶୀଭୂଷଣ ସାହୁ, କୁନ୍ତଳା ହରିଜନ, ପ୍ରତିଭା ପାତ୍ର, କାର୍ତ୍ତିକ ରାଉତ, ପ୍ରମୋଦ ରାଉଳ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିବିରରୁ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ଛାତ୍ରୀ, ଅଧାପିକା, ଅଧାପକ, ସାମାଜିକ କର୍ମୀ ଓ କର୍ମଚାରୀମାନେ ରକ୍ତଦାନ କରିଥିଲେ।

## ବିଭିନ୍ନ ଅନୁଷ୍ଠାନରେ ପାଳନ ହେଲା ଶିଶୁ ଦିବସ

ଦଶମନ୍ତପୁର,୧୪।୧୧ ( ଡି.ଏନ୍. ଏ. )- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ବିଭିନ୍ନ ଅନୁଷ୍ଠାନରେ ସୋମବାର ଶିଶୁ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଜେଏମଏଫ୍‌ସିର ବିଚାରପତି ସୁଶାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ଦିବସ ପାଳିତ ହୋଇଥିଲା। କୋର୍ଟ କର୍ମଚାରୀ ଗିରିଧର ମହାନ୍ତି, ସୁଧୀର ପିନେଷ୍ଟି, କିରଣ ବେହେରା, ନକୁଳ ହନ୍ତାଳ, ଥାନା




ସେକେଣ୍ଡ ଅଫିସର ନିର୍ମଳା ଲିମା, ଶିକ୍ଷକ ଦିଲ୍ଲୀପ ପ୍ରଧାନଙ୍କ ସମେତ ଶତାଧିକ ଶିଶୁ ଉପସ୍ଥିତ ଥିଲେ। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ବାସ ପ୍ରଧାନୀଙ୍କ ଅଧକ୍ଷତାରେ ଶିଶୁ ଦିବସ ପାଳିତ ହୋଇଛି। ଶିଶୁ ଯତ୍ନ କେନ୍ଦ୍ର ଠାରେ ପାଳିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରତିନିଧି ନାରାୟଣ ବିଷୋୟୀ ଯୋଗ ଦେଇଥିଲେ। ଶିଶୁମାନଙ୍କ ପ୍ରତି ଗୁରୁଙ୍କ ନିଷ୍ଠାପର କର୍ତ୍ତବ୍ୟ ଏବଂ ସୁସମ୍ପର୍କ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବୁଗୁଡ଼ା,୧୪।୧୧(ଡି.ଏନ୍.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଙ୍ଗାପଦର ଗ୍ରାମର ସରସ୍ୱତୀ ପ୍ରଧାନ (୬୨)। ସୋମବାର ସରସ୍ୱତୀ ଗାଁ ପୋଖରୀରେ ସ୍ନାନ କରୁଥିବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାରକରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ବୁଗୁଡ଼ା ଥାନାରେ ନଂ.୨୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ଠାରୁ ପ୍ରକାଶ।

# ଜୁମାଡଙ୍ଗଙ୍କୁ ଫେରିଲେ ୧୬ ପରିବାର

ମାଲକାନଗିରି, ୧୪।୧୧(ଡି.ଏନ.ଏ.)

ଓଡିଶା ସୀମାନ୍ତ ଅଞ୍ଚଳରେ ଲୋକଙ୍କୁ ଆକୃଷ୍ଟ କରିବା ଲାଗି ଆନ୍ଧ୍ର ସରକାରଙ୍କ ପକ୍ଷରୁ ଭତ୍ତା, ଆଧାର କାର୍ଡ, ଭୋଟର କାର୍ଡ ପ୍ରଦାନ କରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଥିବା ସ୍ୱାଭିମାନ ଅଞ୍ଚଳର ଧୁଳିପୁଟ ପଞ୍ଚାୟତ ଅଧୀନ ଜୁମାଡଙ୍ଗ ଗ୍ରାମ ଆନ୍ଧ୍ର ବିଭିନ୍ନ ଯୋଜନା କରି ଲୋକଙ୍କୁ ନିଜ ସପକ୍ଷରେ ନେବା ଲାଗି ଉଦ୍ୟମ କରୁଥିଲା। ଏହି ଖବର ପାଇ ଜିଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ


ଗ୍ରାମକୁ ଫେରିଥିବା ପରିବାର।

କାର୍ଯ୍ୟ କରାଯାଇଛି। ରାସ୍ତା ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟୁତ ସେବା, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରିଛି। ଫଳରେ ଆନ୍ଧ୍ରମୁହାଁ ହୋଇଥିବା ୧୬ ପରିବାର ନିଜ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଦେଖି ଗ୍ରାମକୁ ଫେରିଛନ୍ତି। ଏହି ଗ୍ରାମରେ

**ଫସର ଫାଟିଲା ଆନ୍ଧ୍ର ଚାଲ୍**

ମୋଟ ୨୭ଟି ପରିବାର ବସବାସ କରନ୍ତି। କିଛିଦିନ ତଳେ ମାଲକାନଗିରି ଜିଲାର ବହୁ ଅଧିକାରୀ ଏହି ଗ୍ରାମକୁ ଗସ୍ତ କରି ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଅଞ୍ଚଳରେ କିପରି ଆହୁରି ଅଧିକ ସୁବିଧା ପହଞ୍ଚାଇ ହେବ ସେନେଇ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କେବଳ ଏହି ଗୋଟିଏ ଗ୍ରାମ ନୁହେଁ, ଚିତ୍ରକୋଣ୍ଡା ବ୍ଲକରେ ୭୦ରୁ ଉର୍ଦ୍ଧ୍ୱ ଗ୍ରାମ ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବାରୁ ଏଠାରେ ଆନ୍ଧ୍ର ପକ୍ଷରୁ ଲୋକଙ୍କୁ ପ୍ରଲୋଭିତ କରିବାକୁ ସର୍ବଦା ଉଦ୍ୟମ ଜାରି ରହିଛି।

## ବିଏସ୍ଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର



ବିଏସ୍ଏଫ୍ ଅଧିକାରୀ ଜଣେ ବ୍ୟକ୍ତିଙ୍କୁ ବସ୍ତ୍ର ବଣ୍ଟନ କରୁଛନ୍ତି।

ମାଥିଲି,୧୪।୧୧ (ଡି.ଏନ.ଏ. )

ମାଲକାନଗିରି ଜିଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ମେଣ୍ଟୁକୁଲି ଗ୍ରାମରେ ୧୦୨ ବିଏସଏଫ୍ ବାଟାଲିୟନ ପକ୍ଷରୁ ଏକ ଜନସମ୍ପର୍କ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏସଏଫ୍‌ର ସେକେଣ୍ଡ ଇନ କମାଣ୍ଡର ଏ.କେ. ସିଂ, ମାଥିଲି ବାଟାଲିୟନର ଗଣେଶ କୁମାର ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଜନସାଧାରଣଙ୍କୁ ଶୀତ ବସ୍ତ୍ର ଓ ମଶାରି ବାଣ୍ଟିଥିଲେ। ବିଏସ୍ଏଫ୍ ସର୍ବଦା ଜନସାଧାରଣଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି। ଏନେଇ ଜନସାଧାରଣଙ୍କ ସହଯୋଗ ମଧ୍ୟ ମିଳୁଛି ବୋଲି ସିଂ ସୂଚନା ନେଦଇଥିଲେ।

## ଜିଲା କଂଗ୍ରେସ, ଶିଶୁବିଦ୍ୟା ମନ୍ଦିର ପକ୍ଷରୁ ଶିଶୁ ଦିବସ


ଶିଶୁ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରୁଛନ୍ତି ।

ମାଲକାନଗିରି,୧୪।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ପରିସରରେ ସୋମବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ସହ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ସଭାପତି ପାତ୍ର ଜବାହରଲାଲ ନେହେରୁଙ୍କ ଜୀବନୀ ଓ ଦେଶକୁ ସ୍ୱାଧୀନ କରିବାରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛବିଦାସ, ପର୍ଶୁରାମ ଭକ୍ତ, ପଦ୍ମ ପାଙ୍ଗି ଉପସ୍ଥିତ ଥିଲେ। ସେହିପରି ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଗୁରୁମାଗୁରୁଜୀ ଉପସ୍ଥିତଥିଲେ। ପ୍ରଥମେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ରୀଛାତ୍ର ମାନେ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ସହର ପରିକ୍ରମା କରିଥିଲେ ।

## ୯୯ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ନାରାୟଣପାଟଣା, ୧୪।୧୧(ଡି.ଏନ.ଏ.)

କୋରାପୁଟ ଜିଲାପାଳ ମହମ୍ମଦ ଅବଦଲ ଅଖିତର୍ ସୋମବାର ନାରାୟଣପାଟଣା ବ୍ଲକ୍ ଗସ୍ତ କରି ବ୍ଲକ୍ ସଭାଗୃହରେ ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ଦାସ୍, ଜିଲା ପରିଷଦ ସିଇଓ ଗୌରଭ୍ ଏସ୍. ଆଇସଲବାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅରୁଣ ପାଢୀ, ପିଏ ଆଇଟିଡିଏ କାରୁ ସୋରେନ୍, ଡେପୁଟି କଲେକ୍ଟର ଚକ୍ରଧର ପାଢୀ, ବ୍ଲକ ଅଧ୍ୟକ୍ଷ ଗୋଲାଦୀ ତ୍ରିନାଥ, ବିଡିଓ ଅଶ୍ୱିନି କୁମାର ମହାପାତ୍ର, ତହସିଲଦାର ଯଦୁମଣି ନାୟକ, ଜିଲା ପରିଷଦ ସଭ୍ୟା ରାମ୍ବୋ ଶିରିକା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ବ୍ଲକ୍‌ର ୯ଟି ପଞ୍ଚାୟତରୁ ବିଭିନ୍ନ ମସସ୍ୟା ନେଇ ସର୍ବମୋଟ ୯୯ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ଏଥିମଧ୍ୟରେ ରାସ୍ତା, ବିଦ୍ୟୁତ୍, ପାନୀୟଜଳ, କେନାଲ ସମସ୍ୟା ରହିଥିଲା। ଉପସ୍ଥାପିତ ସମସ୍ୟାଗୁଡିକର ସମାଧାନ କରିବାକୁ ଜିଲାପାଳ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଜାଘାଟି, ଝଡିପଦର ଗ୍ରାମରେ ଅଙ୍ଗନୱାଡି ଗୃହ ନ ଥିବାରୁ ପିଲାମାନେ ପାଠ ପଢିବାରେ ହଇରାଣ ହେଉଛନ୍ତି। ସେହିପରି ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଗ୍ରାମବାସୀ ସମସ୍ୟା ର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଇଥିଲା। ବୋରିଗି ପଞ୍ଚାୟତ ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବାରୁ ସ୍ୱାସ୍ଥ୍ୟସେବା ପାଇଁ ଗ୍ରାମବାସୀ ସେଠାରୁ ୨୦ କିଲୋମିଟର ଦୂର ନାରାୟଣପାଟଣାକୁ ଆସୁଛନ୍ତି। ବୋରିଗୀ ଗାଁରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଗଲେ ଜନସାଧାରଣ ଉପକୃତ ହେବେ ବୋଲି ବରିଷ୍ଠ ନାଗରିକ ଖ୍ରୀଷ୍ଟଦାସ ଗରଡା ପ୍ରକାଶ କରିଥିଲେ। ତେନ୍ତୁଳିପଦର ସରପଞ୍ଚ ରବିମାଡିଙ୍ଗି ବୋରିଗି ସରପଞ୍ଚ ସୁରେନ୍ଦ୍ର ପାଙ୍ଗି ନିଜ ନିଜ ପଞ୍ଚାୟତର ଏକାଧିକ ଗ୍ରାମରେ ଏଯାବତ୍ ବିଦ୍ୟୁତ୍ ସଂଯୋଗ ହୋଇ ପାରି ନ ଥିବାରୁ ଲୋକେ ଅନ୍ଧାରରେ ରହିଆସୁଛନ୍ତି। ଶୀଘ୍ର ସବୁ ଗ୍ରାମରେ ବିଦ୍ୟୁତ୍ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ।

## କୋରୁକୋଣ୍ଡାରେ ଶିଶୁଦିବସ

କୋରୁକୋଣ୍ଡା, ୧୪।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ କୋହରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟ ଯୋଜନା ବୋର୍ଡ଼ ସଭ୍ୟ ତଥା କବି ଡ. ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ , ସାହିତ୍ୟ ଏକାଡେମୀ ସଭ୍ୟ ଡ. ବାହାଦୁର ପାଟ୍ଟଶାଣୀ , ସାହିତ୍ୟିକ ପଦ୍ମନାଭ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ଆଲୋକ ଅନୁଗୁଲିଆ, କୋରାପୁଟ ଆଦିବାସୀ ଗବେଷଣାକେନ୍ଦ୍ରର ଗବେଷକ ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଡ. ତାରାପ୍ରସାଦ ଶତପଥୀ, ଗୀତ କରନ୍, ଜଗନ୍ନାଥ ସେବା ପ୍ରତିଷ୍ଠାନର ସଭାପତି ଚକ୍ରଧର ତ୍ରିପାଠୀ, ଖୋର୍ଦ୍ଧା ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ବଳରାମ ଦଳାଇ, ସନ୍ତୋଷ ବାରିକ, ମଧୁସ୍ମିତା ସ୍ମୃତି କମିଟିର ଆବାହକ ବିଜୟ ଉପାଧି, କୋରୁକୋଣ୍ଡା ବ୍ଲକର ପୂର୍ବତନ ଅଧକ୍ଷ ମଣି ଶଙ୍କର ମଜୁମଦାର, ଓଡ଼ିଆ ଯୁବ ଲେଖକ ସମ୍ପାଦକ ବିଦେଶୀ ନାୟକ, ବିଦ୍ୟାଳୟ ପରିଚଳନ କମିଟି ସଭାପତି ସୋମନାଥ ବର୍ଷେ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟର ଦିବ୍ୟଙ୍ଗତା ଶିକ୍ଷୟିତ୍ରୀ ମଧୁସ୍ମିତା ମଲ୍ଲିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା କରାଯାଇଥିବା ପ୍ରତିମୂର୍ତ୍ତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା ଏ ଏହି ଅବସରରେ ମଧୁସ୍ମିତାଙ୍କ ଉଦ୍ଦେଶ୍ୟରେ ବିଶ୍ୱ ଦେଖ ମଧୁମୟ ପତ୍ରିକା ଉନ୍ମୋଚିତ ହୋଇଥିଲା। ଏଥିସହ କବି କରୁଣାକରଙ୍କ କବିତା ସଂକଳନ, 'ଅହ୍ୟରାଣୀ ଓ ଅଛିଣ୍ଡା ଗଣିତ, ଅଶୁଝା ରଣ' ଲୋକାର୍ପଣ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ କରୁଣାକର ମଲ୍ଲିକ ପରିଚଳନା କରିଥିଲେ।

## ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଏମ୍‌ଭି ୭୯,୧୪।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ଠାରେ ଚାଲିଥିବା



ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜଗେଶ-୧୧ ଦଳ ସହ କୋପରଲିଙ୍ଗା ଦଳର ମୁକାବିଲା ହୋଇଥିଲା। ୩/୨ ଗୋଲ କରି ଜଗେଶ-୧୧ ଦଳ ଚାମ୍ପିୟନ ହୋଇଛି। ସାବରୀ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଅତିଥି ଭାବେ ବନ ବିଭାଗ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ, ମାଲକାନଗିରି ପୌରାଧକ୍ଷ ମନୋଜ ବାରିକ, ବ୍ଲକ ଅଧକ୍ଷା ସୁବାସିନି ସୋଡି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅପର୍ଣ୍ଣା ମଣ୍ଡଳ, ମୁକୁନ୍ଦ ସୋଡି, ଡି.ଏନ. ଚୌଧୁରୀ, ପରିତୋଷ ସରକାର, ପ୍ରମୋଦ ସ୍ୱାଇଁ, ସଞ୍ଜୀବ ବୈଦ୍ୟ, ଦିପକ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସତବୀର ସିଂ ରେଫରି ଭାବରେ ଦାୟିତ୍ୱ ତୁଲାଇଥିଲେ । ଚାମ୍ପିୟନ ଟିମ୍‌କୁ ୫୫ହଜାର ୫୫୫ ଟଙ୍କା ସହ ଟ୍ରଫି ଓ ରନର୍ସ ଟିମ୍‌କୁ ୩୩ ହଜାର ୩୩୩ ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ।

## ବିବେକାନନ୍ଦ ବିଦ୍ୟାପୀଠରେ ବିଜ୍ଞାନମେଳା


ଜଣେ ଛାତ୍ରୀ ବିଜ୍ଞାନମେଳାରେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

କୋରାପୁଟ,୧୪।୧୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ଅବସରରେ କଳା ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଅତସି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରଥମ ଦିନରେ ଛୋଟ ଶିଶୁମାନେ ଅନୁଷ୍ଠିତ ଫାନ୍ସି ଡ୍ରେସ,ଗଳ୍ପ କଥନ, ଚିତ୍ରାଙ୍କନ, ଭାଷା ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କଳା ଓ ଚିତ୍ରାଙ୍କନ ପାଇଁ ବିଚାରକ ଭାବେ ସଦାନନ୍ଦ ବେହେରା ଓ ରାମ ପ୍ରସାଦ ସରାଫ, ଅଶୋକ ପାଢ଼ୀ ଏବଂ ଆଦିତ୍ୟ ପ୍ରସାଦ ସରାଫ ବିଚାରପତି ରୂପେ ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ଦିନ ବିଜ୍ଞାନ ମେଳା ହୋଇଥିଲା। ଏହି ଦିନ ଅହମଦ ଆଫସର ଖାଁ ଓ ଲଳିତ କୁମାର ଦାସ ବିଚାରକ ଭାବେ ଉପସ୍ଥିତ ଥିଲେ। ମେଳାରେ ଶତାଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଲକେଜିଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ସଭାପତି ଅମୂଲ୍ୟ ମହାପାତ୍ର, ସମ୍ପାଦକ ରାମ ପ୍ରସାଦ ସରାଫ ଆଗାମୀ ଦିନରେ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ପୂର୍ବତନ ବିଧାୟକଙ୍କ ୨ ଖବରଦାତାଙ୍କୁ ମାଡ଼ ଘଟଣା:ଏସ୍‌ପିଙ୍କୁ ଦାବିପତ୍ର ଦେଲା ଜିଲା ଖବରଦାତା ସଂଘ

କୋରାପୁଟ,୧୪।୧୧ (ସ୍ୱ.ପ୍ର.)

କୋରାପୁଟ ଜିଲାର ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାସ କୁଲେସିକା ଲକ୍ଷ୍ମୀପୁର ଅଞ୍ଚଳର ୨ ଜଣ ଖବରଦାତା ପରମେଶ୍ୱର ସାହୁ ଓ ଯୁଧିଷ୍ଠିର ବାଘଙ୍କୁ ମାଡ ମାରିବା ବିଭିନ୍ନ ଧମକଚମକ ଦେଇଥିଲେ। ଲକ୍ଷ୍ମୀପୁର, ନାରାୟଣପାଟଣା, ଦଶମନ୍ତପୁର, ବନ୍ଧୁଗାଁ ଖବରଦାତା ସଂଘ ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯାଇଛି। ଏନେଇ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ ହେବାପରେ ଏନେଇ ୧୩୬/୨୨ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ପୂର୍ବତନ ବିଧାୟକ କୁଲେସିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏନେଇ ସୋମବାର କୋରାପୁଟ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଘଟଣାକୁ ଦୃଢ ଭାବେ ନିନ୍ଦା କରିବା ସହ ତୁରନ୍ତ ପୂର୍ବତନ ବିଧାୟକ କୁଲେସିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ସାମ୍ବାଦିକ ସଂଘ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ରାଜେନ୍ଦ୍ର ଗୌଡ, ଉପଦେଷ୍ଟା ପରୀକ୍ଷିତ ବିଶ୍ୱାଳ, ଶଶଧର ରାଉତା, ରଞ୍ଜନ ଦାସ, ଘନଶ୍ୟାମ ରଥ, ଅମିତାଭ ବେହେରା, ଦିଲିପ ମହାନ୍ତି, ସନ୍ତୋଷ ପଲେଇଙ୍କ ସହ ବହୁ ଖବରଦାତା ଏସ୍‌ପିଙ୍କ ଅନୁପସ୍ଥିତିରେ ଡିଏସପିଙ୍କୁ ଦାବିପତ୍ର ଦେଇଥିଲେ। ସେହିପରି କୋରାପୁଟ ଜିଲାପାଳଙ୍କୁ ମଧ୍ୟ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଶିଶୁଙ୍କୁ ନେଇ ଶିଶୁ ଦିବସ କାର୍ଯ୍ୟକ୍ରମ

ଜୟପୁର,୧୪।୧୧ (ନି.ପ୍ର.)

ଜୟପୁରସ୍ଥିତ ସରସ୍ୱତୀ ବାଲ୍ ମନ୍ଦିରରେ ସୋମବାର ଶିଶୁ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ପୂର୍ବତନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ରିତାଲି ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ଚୌଧୁରୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତି ସ୍ୱାଇଁ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାର ଉପକାରିତାକୁ ନେଇ ଅନ୍ୟ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଦିବସ ଉପଲକ୍ଷେ ଦୁଇ ଦିନ ତଳେ ରିଲ ଷ୍ଟାର ଗ୍ରୁପ ପକ୍ଷରୁ ଚିତାଙ୍କନ କର୍ମଶାଳା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏମଡି ସରିଫଙ୍କ ସମେତ ଅନ୍ୟ ୨ଜଣ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଦିବସରେ ଏକ କୌତୁକ ବେଶ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଦ୍ୟାଳୟର ୯୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମୈତ୍ରୀ ପ୍ରହରାଜ ସଂଚାଳନା କରିଥିଲେ।


ଶିଶୁ ଦିବସରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସଜ୍ଜିତ ହେଉଛନ୍ତି ।

## କଥା ଦେଇ ପ୍ରତିଶ୍ରୁତି ପୂରଣ କଲେ ସରପଞ୍ଚ

ଦଶମନ୍ତପୁର,୧୪।୧୧ (ଡି.ଏନ୍.ଏ.)

ଅନେକେ ଅଛନ୍ତି ନିର୍ବାଚନ ସମୟରେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇ ରଖନ୍ତି ନାହିଁ। ମାତ୍ର ଏଭଳି କିଛି କମ ରାଜନେତା ଅଛନ୍ତି ଯେଉଁମାନେ ପ୍ରତିଶ୍ରୁତି ଦେଇ ତାହାକୁ ରଖନ୍ତି। ସେହିପରି ପ୍ରତିଶ୍ରୁତି ପାଳନ କରିଥିବା ଜଣେ ମହିଳା ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତର ସରପଞ୍ଚ ଚଞ୍ଚଳା ମୁଦୁଲି। ଚଞ୍ଚଳା ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ମୁଁ ବିଜୟୀ ହେଲେ ଜନସାଧାରଣଙ୍କ ପ୍ରତ୍ୟେକ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୯୫ ଆଦିବାସୀ ପରିବାର ବସବାସ କରୁଥିବା ପଞ୍ଚାୟତର କୁଦାଲଆଟାଲ ଗ୍ରାମରେ ରାସ୍ତା ନଥିଲା। କୌଣସି ରୋଗୀ କିମ୍ବା ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଚିକିତ୍ସାଳୟକୁ


ସରପଞ୍ଚଙ୍କ ଦ୍ୱାରା ନିର୍ମିତ ରାସ୍ତା ।

ନେବାକୁ ହେଲେ ଗ୍ରାମଠାରୁ ୫ କି.ମି. ଦୂରରେ ଥିବା ଘଣ୍ଟଗୁଡା ଛକଯାଏ ବୋହି ନେଇ ସେଠାରୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିଲା। ନିର୍ବାଚନରେ ବିଜୟୀ ହେବା ପରେ ଏବେ ସରପଞ୍ଚ ଚଞ୍ଚଳା ଏନଆରଇଜିଏସରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୁଦାଲଆଟାଲ ଗ୍ରାମକୁ ରାସ୍ତା ତିଆରି କରିଛନ୍ତି ବୋଲି ଗ୍ରାମବାସୀ ଧନୁ ମୁଦୁଲି, ଥବିର ସାଉଁତା, ଆନନ୍ଦ ମୁଦୁଲି, ସଦାଶିବ ମୁଦୁଲି, ଥବିର ମୁଦୁଲି, ରାମ ମୁଦୁଲି, ସାଇବେଣୀ ମୁଦୁଲି ପ୍ରମୁଖ ପ୍ରକାଶ କରିଛନ୍ତି। ଏଥିପାଇଁ ସେମାନେ ସରପଞ୍ଚଙ୍କ ସମେତ ପିଇଓ କେତନ ହଲୱା ଏବଂ ଜିଆଏସ ବିମଳ ଟାକ୍ରିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଗ୍ରାମରେ ସୋଲାର ପାନୀୟ ଜଳ ପ୍ରକଳ୍ପ ଓ ଆଉ ଗୋଟିଏ ନଳକୂପ ଖନନ ଦିଗରେ ପଦକ୍ଷେପ ନେବି ବୋଲି ଚଞ୍ଚଳା କହିଛନ୍ତି। ଫଟୋ:ସରପଞ୍ଚଙ୍କ ଦ୍ୱାରା ଘଣ୍ଟଗୁଡା ଛକରୁ କୁଦାଲଆଟାଲ ଗ୍ରାମକୁ ନିର୍ମିତ ରାସ୍ତା।

## ଦୁର୍ଘଟଣାରେ ଯୁବକ ମୃତ

ମୁନିଗୁଡ଼ା,(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡା ପିଏଚଡ଼ି ଅଫିସ୍ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଅମିତ୍ ବେହେରା (୩୦)। ଖବର ପାଇ ମୁନିଗୁଡ଼ା ଥାନାଧିକାରୀ ଘଟଣାସ୍ଥଳାର ପହଞ୍ଚି ମୃତକ ଅମିତ୍ ଓ ଗୁରୁତର ହୋଇଥିବା ପ୍ରଶାନ୍ତ ସାମଲଙ୍କୁ ମୁନିଗୁଡ଼ା ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସାପରେ ପ୍ରଶାନ୍ତଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତକଙ୍କ ଭାଇ ମୁନିଗୁଡ଼ା ଥାନାରେ ଏତଲା ଦେଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

**ସଂକ୍ଷେପରେ**

## ରାଇମିଙ୍ଗବାର୍ଡ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା



ଉମରକୋଟ, ୧୪।୧(ସ୍ୱ.ପ୍ର.) - ଉମରକୋଟସ୍ଥିତ ରାଇମିଙ୍ଗବାର୍ଡ ପବ୍ଲିକ ସ୍କୁଲରେ ଏକ ବିଜ୍ଞାନ ମେଳାର ଆୟୋଜନ କରାଯାଇଛି। ଏଥିରେ ୩୫୦ ଛାତ୍ରୀଛାତ୍ର ଭାଗ ନେଇ ୧୬୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ କାମାକ୍ଷାପ୍ରସାଦ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସରକାରୀ ଶିକ୍ଷକ ଅରୁଣ କୁମାର ବେହେରା, ବିଜ୍ଞାନ ଶିକ୍ଷକ ଅନୁପ ମଣ୍ଡଳ, ପୂଜା ବିଶ୍ୱାସ, ନମିତା ମଞ୍ଜରୀ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ଅଧକ୍ଷା ରଶ୍ମୀ ବିଷୋଇ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ସ୍କୁଲର ସଭାପତି ସୁଚରିତା ଶତପଥୀ ମଧ ଉପସ୍ଥିତ ଥିଲେ।

## ସ୍କୁଲରେ ଶିଶୁ ଦିବସ

ଡାବୁଗାଁ, ୧୪।୧୧ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସୋମବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ନେଇ ସେମାନଙ୍କୁ ଉଚିତ ମାର୍ଗରେ ନେଲେ ଏକ ସୁନ୍ଦର ଭାରତର ପରିକଳ୍ପନା କରାଯାଇପାରିବ ବୋଲି ଉପସ୍ଥିତ ଅତିଥି କହିଥିଲେ। ସ୍କୁଲରେ ଶିଶୁ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଓ ଫ୍ୟାନ୍ସିଡ୍ରେସ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଛି।

## ଚିତ୍ରାଙ୍କନ ପ୍ରତିଯୋଗିତା

ରାଇଘର, ୧୪।୧୧(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ସଦରମହକୁମାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ରାଇଘରରେ ଥିବା ୬ ବିଦ୍ୟାଳୟର ୯୯ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି। ୩ୟରୁ ୮ମ ଶ୍ରେଣୀର ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗନେଇଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଶହୀଦ ଲକ୍ଷଣ ନାୟକ ଇଂରାଜୀ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଆଦର୍ଶ ବିଦ୍ୟାଳୟ, ବିଜୁ ପଟ୍ଟନାୟକ ଇଂରାଜୀ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ନିରୀକ୍ଷକ ଭାବେ ପରିକ୍ଷିତ ସାହୁ, ରବୀନ୍ଦ୍ର ବାହିନୀପତି, ହେମନ୍ତ କୁମାର, ଅନିତା କୁମାରୀ, ସାଗର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟରେ ଯୋଗଦେଲେ ନୂତନ ଏସ୍ଆଇ



ଚନ୍ଦାହାଣ୍ଡି, ୧୪।୧୧ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନାରେ ନୂତନ ଏସ୍ଆଇଭାବେ ଖଗେଶ୍ୱର ଖୋସଲା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ସେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଏସ୍ଆଇଭାବେ କାର୍ଯ୍ୟରତ ଥିଲେ। ଚନ୍ଦାହାଣ୍ଡି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ଏସ୍ଆଇଶିବ ପ୍ରସାଦ ମହାନ୍ତି, ହୃଷିକେଶ ପଟେଲ, ଯୋଶେଫ ସୁନାଙ୍କ ସମେତ ସମସ୍ତ ଥାନା କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ।

# ପିଲାଙ୍କ ଆଡ୍‌ମିଶନ ଟଙ୍କାକୁ ଟାର୍ଗେଟ କରୁଛନ୍ତି ସାଇବର ଠକ

ଉମରକୋଟ, ୧୪।୧୧(ସ୍ୱ.ପ୍ର.)

■ ୩ ମାସରେ ଦ୍ୱିତୀୟ ଘଟଣା

■ ଠକଙ୍କ ପାଖରେ କିଭଳି ପହଞ୍ଚୁଛି ପିଲାଙ୍କ ତଥ୍ୟ ତାହାର ତଦନ୍ତ ଦାବି

ଯୁକ୍ତ ୨ପାସ୍ ପରେ ଛାତ୍ରୀଛାତ୍ର କେଉଁ ଯୁକ୍ତ ୩ କଲେଜରେ ନାମ ଲେଖାଇବେ ତାହାର ତଥ୍ୟ ପାଇ ସେମାନଙ୍କୁ ଫସାଇ ଟଙ୍କା ନେଇଯାଉଛନ୍ତି ସାଇବର ଠକ। ନବରଙ୍ଗପୁର ଜିଲାରେ ଏଭଳି ଘଟଣା ବାରମ୍ବାର ଘଟୁଛି। ସୋମବାର ନବରଙ୍ଗପୁର ଜିଲା ଉମରକୋଟରୁ ପୁଣି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଛାତ୍ରୀଛାତ୍ରଙ୍କ ତଥ୍ୟ ସରକାରୀ ସଂସ୍ଥା ପକ୍ଷରୁ ଲିକ୍ କରାଯାଉଥିବାରୁ ଏଭଳି ଅସୁବିଧା ହେଉଥିବା ନେଇ ଅନେକ ବୁଦ୍ଧିଜୀବୀ ଦାବି କରୁଛନ୍ତି। ଏହିସବୁ ଘଟଣାକୁ ଗୁରୁତର ସହ ନେଇ ଏହାର ତଦନ୍ତକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

ସୂଚନାନୁଯାୟୀ, ଚନ୍ଦାହାଣ୍ଡି ବ୍ଲକ ମୋତିଗାଁ ଗ୍ରାମର ଗୋକୁଳ ଚନ୍ଦ୍ର ବେସରାଙ୍କ ପୁଅ ତୁଷାରକାନ୍ତ ଗତ ୧୧ ତାରିଖରେ ପେଣ୍ଡ୍ରାଣୀ ମହାବିଦ୍ୟାଳୟର +୩ ବିଜ୍ଞାନ ବିଭାଗର ପ୍ରଥମ ବର୍ଷରେ ନାମ ଲେଖାଇଥିଲେ। ତେବେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସବୁ ଛାତ୍ରୀଛାତ୍ର ୩୦ ତାରିଖ ସୁଦ୍ଧା ଆଡ୍‌ମିଶନ ଫିସ୍ ଅନ୍‌ଲାଇନ ପୈଠ କରିବା ପାଇଁ ନିର୍ଦ୍ଦେଶ ଥିଲା। ସୋମବାର ମୋବାଇଲ ନମ୍ବର ୬୩୭୦୪୬୪୨୩୭ରୁ ତୁଷାରଙ୍କ ବାପାଙ୍କୁ ଫୋନ୍‌କଲ ଆସିଥିଲା, ଯିଏକି ନିଜକୁ କଲେଜ କର୍ମଚାରୀ ପରିଚୟ ଦେଇ ଆଡ୍‌ମିଶନ ଫି' ଦେବାକୁ କହିଥିଲେ। ତୁରନ୍ତ ଟଙ୍କା ନ ଦେଲେ ଆଡ୍‌ମିଶନ ରଦ୍ଦ କରାଯିବ ବୋଲି କହିଥିଲେ। ଆଡ୍‌ମିଶନ ଟଙ୍କା ୮୨୦୦ ପାଖରେ ନାହିଁ, ପାଖରେ ଥିବା ୬୫୦୦ ଟଙ୍କା ଦେଲେ ହେବ କି ବୋଲି ତୁଷାରଙ୍କ ବାପା ପ୍ରଶ୍ନ କରିଥିଲେ। ବର୍ତ୍ତମାନ ଯେତିକି ହେଉଛି ଦିଅ ବାକି ଟଙ୍କା ପରେ ଦେବ ବୋଲି କହିବାରୁ ତୁଷାରଙ୍କ ବାପା ଉକ୍ତ ନମ୍ବରରେ ୬୫୦୦ଟଙ୍କା ଫୋନ୍ ପେ କରିଥିଲେ। ଏହାପରେ ଆଡ୍‌ମିଶନ ଦାୟିତ୍ୱରେ ଥିବା ଅଧ୍ୟାପକଙ୍କୁ ଟଙ୍କା ପୈଠ କଥା କହିଥିଲେ। ଟଙ୍କା ପାଇଁ କୌଣସି କଲ୍ କରି ନ ଥିବା ଅଧ୍ୟାପକ ମନା କରିବା ପରେ ତୁଷାରଙ୍କ ବାପା ଉପରୋକ୍ତ ନମ୍ବରରେ କଲ୍ କରିଥିଲେ ମଧ ସେଠାରୁ କୌଣସି ଉତ୍ତର ମିଳି ନ ଥିଲା। ଅନ୍ୟ କାହାର ନମ୍ବରରୁ ଫୋନ୍ କଲେ ଉକ୍ତ ବ୍ୟକ୍ତି ତାହାକୁ ଉଠାଉଛନ୍ତି ସତ, ମାତ୍ର ଆଡ୍‌ମିଶନ କଥା କହିବା ମାତ୍ରେ କଲ୍ କାଟି ଦେଉଛନ୍ତି। ଚନ୍ଦାହାଣ୍ଡି ଥାନାକୁ ଲିଖିତ ଅଭିଯୋଗ ପାଇଁ ଯାଇଥିଲେ ମଧ ଥାନା ପକ୍ଷରୁ ଉମରକୋଟ ଥାନାରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ତୁଷାର ମଙ୍ଗଳବାର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବେ। ପୁଅ ଆଡ୍‌ମିଶନ ଚିନ୍ତାରେ ଏବେ ତୁଷାରଙ୍କ ବାପା। ଛାତ୍ରୀଛାତ୍ରଙ୍କ ତଥ୍ୟ କିଭଳି ସାଇବର ଠକଙ୍କ ହାତକୁ ଯାଉଛି ତାହାର ତଦନ୍ତ ରାଜ୍ୟ ସରକାର କ୍ରାଇମ୍ ବ୍ରାଞ୍ଚ ଦ୍ୱାରା କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ୩ ମାସ ତଳେ ଉମରକୋଟ ବ୍ଲକ ଅଧୀନ କାରାଗାଁର ଜଣେ ଛାତ୍ର ଅନୁରୂପ ଠକାମିର ଶିକାର ହୋଇଥିବାବେଳେ ଏହା ହେଉଛି ଦ୍ୱିତୀୟ ଘଟଣା। ବାରମ୍ବାର ଏପରି ଘଟୁଛି। ଦୋଷୀ ଧରା ନ ପଡ଼ିବାରୁ ସାଇବର ଠକଙ୍କ ସାହସ ବଢ଼ୁଛି। ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି ବୁଦ୍ଧିଜୀବୀ।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

rgdselfie@gmail.com



@ ମନମୋହନ



@ ମୁରଲୀଧର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲିମାମେଡା ନିକଟରେ ହାତୀପଲ

ଗୁଣପୁର,୧୪।୧୧(ଡି.ଏନ୍.ଏ)



ଲିମାମେଡା ନିକଟରେ ୬ଟିକିଆ ହାତୀ ପଲ।

■ ଦେଖିବା ପାଇଁ ଲୋକଙ୍କ ଭିଡ଼

■ ଅମାନିଆ ହେଉଛନ୍ତି ଲୋକେ,ବଢ଼ୁଛି ବିପଦ

ରାୟଗଡା ଜିଲା ଗୁଣପୁର ସହର ନିକଟ ଲିମାମେଡା ଅଞ୍ଚଳରେ ଗତ ସପ୍ତାହ ହେବ ୬ ଟିକିଆ ହାତୀ ପଲ ଚଳପ୍ରଚଳ କରୁଥିବାବେଳେ ସେମାନଙ୍କୁ ଦେଖିବା ପାଇଁ ପ୍ରତିଦିନ ସହରବାସୀଙ୍କ ସମେତ ଆଖାପାଖ ଗ୍ରାମର ଲୋକଙ୍କ ଭିଡ଼ ଜମୁଛି। ଲୋକେ ଅମାନିଆ ହୋଇ ହାତୀଙ୍କ ନିକଟକୁ ଯାଇ ଫୋଟୋ, ସେଲଫି ଉଠାଇବା ସହ ବାଣ ଫୁଟାଇ, ତୁରି ଫୁଙ୍କି ସେମାନଙ୍କୁ ଅଧିକା ରଗାଉଥିବା ଦେଖିବାକୁ ମିଳିଛି। କିଏ କେଉଁ ଗଛ ଉପରେ ତ ଆଉ କିଏ ବିଦ୍ୟୁତ ଟାୱାର ଉପରେ ଚଢି ହାତୀଙ୍କୁ ଦେଖି ଚିତାଉ ଥିବାବେଳେ ସେମାନଙ୍କୁ ହାତୀ ପଲ ଗୋଡାଉଥିବା ଦେଖିବାକୁ ମିଳିଛି। ସୋମବାର ହାତୀ ପଲ ଦେଖଣାହାରୀଙ୍କ ୨ଟି ବାଇକକୁ ଭାଙ୍ଗି ଦେଇଛନ୍ତି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ବାରମ୍ବାର ସଚେତନ ଓ ବାରଣ କରିବା ସତ୍ତ୍ୱେ ଏହାକୁ ଖାତିର ନକରି ଲୋକମାନେ ଦେଖଣାହାରି ସାଜି ହାତୀଙ୍କୁ ବିରକ୍ତ କରୁଛନ୍ତି। ଯାହା ଏବେ ବନ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଗତ ଏକ ବର୍ଷ ମଧ୍ୟରେ ହାତୀଙ୍କ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ତଥାପି ମଧ ଲୋକେ ଅମାନିଆ ହେଉଛନ୍ତି। ଏହା କୌଣସି ମୁହୂର୍ତ୍ତରେ ମଧ ବିପଦକୁ ଟାଣି ଆଣିବ ବୋଲି ହି ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଦାୟିତ୍ୱ ନେଲେ ଅନସୂୟା ମାଝି

ରାୟଗଡ଼ା ଅଫିସ,୧୪।୧୧(ସ୍ୱ.ପ୍ର.)

ରାୟଗଡ଼ାରେ ସୋମବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟାଳୟକୁ ଜିଲାପାଳ ସ୍ୱଧାଦେବ ସିଂ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପରିଷଦର ଅଧକ୍ଷାଭାବେ ଅନସୂୟା ମାଝି ଏବଂ ଉପାଧକ୍ଷଭାବେ ବନମାଳୀ କାଡ୍ରାକା ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏବଂ ଆଇଟିଡିଏ ମିଳିତଭାବେ ଜିଲାର ବିକାଶ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ ବୋଲି ସେ କହିଛନ୍ତି। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି,



ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜେଡି ଜିଲା ସଭାପତି ସୁଧୀର ଦାସ ଓ ରାୟଗଡାର ପୂର୍ବତନ ବିଜେଡି ବିଧାୟକ ଲାଲ ବିହାରୀ ହିମିରିକା, ବିଜୁ ଯୁବ ଛାତ୍ର ସଭାପତି ଦେବାଶିଷ ଖାଡଙ୍ଗା, ପୌରାଧକ୍ଷ ମହେଶ ପଟ୍ଟନାୟକ, ପୌର ଅଧକ୍ଷା ଶୁଭ୍ରା ପଣ୍ଡା, ବିଜେଡି ନେତା ବିନାୟକ କର, ରାଇସିଂ ବିଡ଼ିକା, ବି .ତିରୁପତି,ଏମ୍. ଗଂଗାଧର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ବିଷମକଟକ, ନନ୍ଦାହାଣ୍ଡିରେ ଜିଲାପାଳ ଅଭିଯୋଗ ଶୁଣାଣି

ବିଷମକଟକ/ନନ୍ଦାହାଣ୍ଡି, ୧୪।୧୧(ଡି.ଏନ୍.ଏ.)

ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ବିଷମକଟକ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ବିବେକାନନ୍ଦ ଶର୍ମା, ଡିଆର୍‌ଡିଏ ପିଡି ରବି ନାରାୟଣ ତ୍ରିପାଠୀ, ସିଡିଏମ୍‌ଓ ଡ଼ାକ୍ତର ଲାଲମୋହନ ରାଉତରାୟ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଜିଲା ଯୋଗାଣ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର, ବିଡ଼ିଓ ସଦାଶିବ ନାୟକ, ଜିଲା କ୍ରୀଡ଼ାଧିକାରୀ ଶେଖ ଆଲେନୁର ପ୍ରମୁଖ ଯୋଗଦେଇ ୧୧୩ ଅଭିଯୋଗର ଶୁଣାଣି କରିଥିଲେ। ୮ ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୮୫୦୦ହଜାର ଟଙ୍କା ଏବଂ ଅନ୍ୟ ଜଣକୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୬୫ହଜାର ଟଙ୍କା ପ୍ରଦାନ କରିଥିଲେ।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡିରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ୪୧ ଜଣଙ୍କର ଅଭିଯୋଗର ଶୁଣାଣି କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଏବଂ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ ଉପସ୍ଥିତ ଥିଲେ। ଶିବିରରେ ନନ୍ଦାହାଣ୍ଡି ବ୍ଲକ ଅଧକ୍ଷା ରଶ୍ମିତା ମାଝି, ଉପାଧକ୍ଷ ସଦନ ଗୌଡ଼, ବିଡିଓ ଶିବଶଙ୍କର ମୁର୍ମୁ, ନନ୍ଦାହାଣ୍ଡି ତହସିଲଦାର ବନମାଳୀ ମେହେର, ଭାରପ୍ରାପ୍ତ ସିଡିଏମ୍‌ଓ ଡଃ. ମଳୟ ତ୍ରିପାଠୀ , ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ହଳଧର ନୀଆଲ୍, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଏବଂ ୧୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଛି।







ରାୟଗଡ଼ା ଜିଲାପାଳ ଜଣେ ହିତାଧିକାରୀଙ୍କୁ ସହାୟତା ଦେଉଛନ୍ତି । ନନ୍ଦାହାଣ୍ଡିରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଧିକାରୀମାନେ ।

## ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ନବରଙ୍ଗପୁର, ୧୪।୧୧(ବି.ପ୍ର.)

ନବରଙ୍ଗପୁର ଲାୟନ୍ସ କ୍ଲବ ପକ୍ଷରୁ ଏକ ମାଗଣା ମଧୁମେହ ରୋଗ ନିରୁପଣ, ଚିକିତ୍ସା ଓ ଔଷଧ ବିତରଣ ଶିବିର ସୋମବାର ପାଞ୍ଜିଆ ସାହିସ୍ଥିତ ଡାକ୍ତର କେ. ଡି. ପଟ୍ଟନାୟକଙ୍କ କ୍ଲିନିକରେ ଅନୁଷ୍ଠିତ ହେଇ ଯାଇଛି। ଏହି ଶିବିରରେ ୧୪୦ ଜଣଙ୍କର ପରୀକ୍ଷା କରାଯାଇ, ୧୦ ଦିନ ପାଇଁ ମାଗଣା ଔଷଧ ପ୍ରଦାନ କରାଯାଇଛି। ଶିବିରକୁ କ୍ଲବ ସଭାପତି ଜଗନ୍ନାଥ ମହାପାତ୍ର ଉଦଘାଟନ କରିଥିଲେ। ଡାକ୍ତର କେ. ଡି. ପଟ୍ଟନାୟକ, ଶ୍ରୀକାନ୍ତ ମହାନ୍ତି, ଭୁବନେଶ୍ୱର ଟି. ନନ୍ଦୀକେଶ୍ୱର ରାଓ, ଡିଏମ୍‌ପି ଦାସ, ରବି ରେଣ୍ଟୀ, ବିଜୟ ଜୈନ, ଶେଖର ମୂର୍ତ୍ତି ଏବଂ ବିକାଶ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟମିତ କରିବା ଦାବି

ତେନ୍ତୁଳିଖୁଣ୍ଟି, ୧୪।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି ହୋଇଛି। ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିଥିବାବେଳେ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଠିକା ସ୍ୱାସ୍ଥ୍ୟ କର୍ମଚାରୀ ଏଥିରୁ ବାଦ୍ ପଡିଛନ୍ତି। ଏହା ବିରୋଧରେ ସେମାନେ ସୋମବାରଠାରୁ ହଳଦିଆ ବ୍ୟାଜ୍ ପିନ୍ଧି କାମ କରୁଛନ୍ତି। ଏହାସହ ଚାକିରି ନିୟମିତ କରିବାକୁ ଦାବିପତ୍ର ଦେଇଛନ୍ତି। ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସ୍ଥାନୀୟ ଡା. ସୌମ୍ୟରଞ୍ଜନ ଦାସ, ରଞ୍ଜନ କୁମାର ମିଶ୍ର, ଅର୍ଚ୍ଚନା ମହାନ୍ତି, ସୁଷମା ନାୟକ, ବାସନ୍ତୀଲତା ନାୟକ, ଡା.ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ବାଗ, ପ୍ରଦୀପ ପାଲ, କେ.କ୍ରିଷ୍ଣା କୁମାର ପଟ୍ଟନାୟକ,ଏନ୍. ଅବିନାଶ, ନାଜିଷ୍ ସଲମା, ଡା.ଅମରେଶ ମହାନ୍ତି, ରଶ୍ମିତା ପଲେଇ, ଶ୍ରୀନିବାସ ପଣ୍ଡା, ସାହେବ ସିଂଙ୍କ ସମେତ ଏମ୍‌ଏଚ୍ଡ଼ବ୍ଲୁ, ଆର୍‌ବିଏସ୍‌କେ ଏଣ୍ଟିଡି ଓ ପରିଚାଳନା କର୍ମଚାରୀମାନେ ଉପସ୍ଥିତ ଥିଲେ।



ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଦାବିପତ୍ର ଗ୍ରହଣ କରୁଛନ୍ତି ।

# 'ଆଶାକିରଣ'ରେ ଶିଶୁ ଦିବସ

ନବରଙ୍ଗପୁର, ୧୪।୧୧(ଡି.ଏନ୍.ଏ.)

ମାନସିକ ଅନଗ୍ରସର ପିଲାଙ୍କ ସ୍ୱତନ୍ତ୍ର ବିଦ୍ୟାଳୟ ଆଶାକିରଣରେ ମଧ ଶିଶୁ ଦିବସ ପାଳନ କରାଯାଇଛି। ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ହଳଧର ନିଆଲ୍, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧନୁର୍ଜୟ ରାଓ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥି ଓ ପିଲାମାନେ ପଣ୍ଡିତ ଜବହାର ଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ପିଲାମାନଙ୍କୁ ଖେଳ ଉପକରଣ ବଣ୍ଟନ କରିଥିଲେ। ଅଶାକିରଣ ଅଧକ୍ଷ ଜଗନ୍ନାଥ ବେହେରାଙ୍କ ସହିତ କର୍ମଚାରୀ ସନ୍ଧ୍ୟାରାଣୀ ବେହେରା, ଶାନ୍ତି ପଣ୍ଡା, ରଶ୍ମିତା ପ୍ରଧାନ, ରିଙ୍କୁରାଜ ବେହେରା ଈଶ୍ୱର ବାଂଜରା, ପାର୍ବତୀ ଯାନୀ, ରଶ୍ମିତ ଧାନଫୁଲଙ୍କ ସହ ଅନ୍ୟ ଅଭିଭାବକ ଉପସ୍ଥିତ ଥିଲେ। ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ।

# କଲ୍‌ଭର୍ଟ ନିକଟରେ ମାସକ ମଧ୍ୟରେ ତିନି ଦୁର୍ଘଟଣା

ପାପଡାହାଣ୍ଡି,/ମଇଦଲପୁର, ୧୪।୧୧(ଡି.ଏନ୍.ଏ.)

**ସୋମବାର ଦୁର୍ଘଟଣା ଘଟି ଜଣେ ମୃତ, ଜଣେ ଗୁରୁତର**



ଦୁର୍ଘଟଣା ସ୍ଥଳ।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ଦହଡାମାଳ ଗ୍ରାମ ନିକଟରେ ଥିବା କଲଭର୍ଟ ତଳକୁ ସୋମବାର ଏକ ବାଇକ ଖସି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଝରିଗାଁ ବ୍ଲକ ଫୁଫୁଗାଁର କୁମ ଗୌଡ଼। ଗୁରୁତର ହରିଶ୍ଚନ୍ଦ୍ର ଭତରାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଦହଡାମାଳ କଲଭର୍ଟରେ ଗତ ଏକ ମାସ ମଧ୍ୟରେ ୩ଟି ଦୁର୍ଘଟଣା ଘଟିଲାଣି। ଗତ ବର୍ଷ ମାନିଗାଁରୁ ମଇଦଲପୁର ରାସ୍ତାର ଉନ୍ନତି କରଣ କାର୍ଯ୍ୟ ଜାରି ରହିଥିଲା। ଦହଡାମାଳ ପୁରୁଣା କଲଭର୍ଟ ଭାଙ୍ଗି ନୂତନ କଲଭର୍ଟ ତିଆରି ହୋଇନି। କଲଭର୍ଟରେ ଉଭୟ ପାର୍ଶ୍ୱ ରାସ୍ତା ଖରାପ ହୋଇଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

କୁମ ଓ ହରିଶ୍ଚନ୍ଦ୍ର ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଆବେଦନ କରିବା ପାଇଁ ଏକ ବାଇକ (ଓଡି-୨୪ଡି-୦୭୭୩)ରେ ନବରଙ୍ଗପୁର ଯାଇଥିଲେ। ଉଭୟ ଫେରିବାବେଳେ ଦହଡାମାଳ ପାଖ ଉକ୍ତ କଲଭର୍ଟ ଉପରେ ଭାରସାମ୍ୟ ହରାଇବା ବାଇକରୁ ଖସି ପଡିଥିଲେ। ଘଟଣାସ୍ଥଳରେ କୁମଙ୍କର ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସ କର୍ମଚାରୀ ଘଟଣାସ୍ଥଳ ପହଞ୍ଚି ଗୁରୁତର ହରିଶ୍ଚନ୍ଦ୍ର ଭତରାଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ ମୃତଦେହ ଜବତକରି ଡାବୁଗାଁ ଡାକ୍ତରଖାନା ଶବାଗାରରେ ରଖାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ।

# 'ସୁନ୍ଦର ଚରିତ୍ର, ଭବିଷ୍ୟତ ଗଠନ କର'

ରାୟଗଡା ଅଫିସ/ନବରଙ୍ଗପୁର (ବି.ପ୍ର.) /ଉମରକୋଟ (ସ୍ୱ.ପ୍ର.) , ୧୪।୧୧

ଜିଲା ଆଇନସେବା ପ୍ରାଧୀକରଣ (ଡିଏଲ୍‌ଏସ୍) ରାୟଗଡ଼ା ପକ୍ଷରୁ ସୋମବାର ସ୍ଥାନୀୟ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି । ସମ୍ପାଦିକା ନିବେଦିତା ପଣ୍ଡା ଅଧକ୍ଷତା କରିଥିଲେ। ଜିଲା ଶିଶୁ ସୁରକ୍ଷା କମିଟି ସଦସ୍ୟା ପ୍ରତିମା ପାଣିଗ୍ରାହୀ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ତଥା ଓକିଲ ପ୍ରଣତି ପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସୁନ୍ଦର ଚରିତ୍ର ଓ ଭବିଷ୍ୟତ ଗଠନ ଦିଗରେ ପିଲାଙ୍କୁ ନିବେଦିତା ପଣ୍ଡା ଉତ୍ସାହିତ କରିଥିଲେ। ଓକିଲ ପ୍ରଣତି ପାତ୍ର ଶିଶୁ ଅପରାଧୀଙ୍କ ମାନସିକ ପରିବର୍ତ୍ତନ ସହ ମୁଖ୍ୟ ସ୍ରୋତରେ ସାମିଲ ନିମନ୍ତେ ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟରେ ଶିଶୁ ଦିବସ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷକ ନୀଳାଞ୍ଚଳ ମିଶ୍ର ବୈଠକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଆର୍‌ସିସି ବଳରାମ ହୁଇକା, ଏବିଇଓ ଛବିଲାଲ ସିଂ, ସିଆର୍‌ସିସି ପ୍ରଶାନ୍ତି ସାହୁ ଓ ଶିକ୍ଷକ ସଞ୍ଜୟ ଉଳାକା ଅତିଥିଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର କର୍ମକର୍ତ୍ତା ବାସନ୍ତୀ ମିଶ୍ର, ରାଜେଶ ସିଂ, ସବିତା ପ୍ରଧାନ, ଦିପ୍ତିଲତା ପଣ୍ଡା, ମଧୁସ୍ମିତା ତ୍ରିପାଠୀ, ମାଳତୀ ମହାନ୍ତି, ମନୋରମା ସାହୁ, ନମିତା ମାଝି, ସୋନାଲିସା ସାମଲ, ପ୍ରଭାତ ସେନାପତି ଓ ଡିଏଲ୍‌ଏସ୍‌ର ଜଣକ ମିଣ୍ଡା ଏଥିରେ ସହଯୋଗ କରିଥିଲେ।

ନବରଙ୍ଗପୁର ଡିଏଲ୍‌ଏସ୍ ପକ୍ଷରୁ ନୂଆଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଧକ୍ଷ ତଥା ଜିଲା ଦୌରାଜଜ୍ ସଂଜୀବ ଦୁବେଙ୍କ ନିର୍ଦ୍ଦେଶରେ ଶିଶୁ ଦିବସ ପାଳନ କରାଯାଇଛି। ଏହି ବିଚାର ବିଭାଗୀୟ ଜଜ୍ ଡକ୍ଟର ମୁନରାନୀ ମିଶ୍ର ମୁଖ୍ୟ ଅତିଥି, ଡିଏଲ୍‌ଏସ୍ ସମ୍ପାଦକ ଜନକ ରାଉତ, ଆଇନଜୀବୀ ରାଜକିଶୋର ନାଗ, ସାମାଜିକ କର୍ମୀ ମନୋରମା ମାଝି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ପିଲାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ବିଷୟରେ ସଚେତନ କରାଇ ଥିଲେ। ସମ୍ପାଦକ ଜନକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଉମରକୋଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଭିତରଗଡ ସାହି ବିଦ୍ୟାଳୟରେ ଶିଶୁ ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଗିରିଜା ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, ଉମରକୋଟ ତହସିଲଦାର ଏନ୍. ଜଗଜୀବନ ଚୌଧୁରୀ, କମିଟି ସଭ୍ୟ ଶ୍ରୀନିବାସ ପଟ୍ଟନାୟକ, କାଜାମ ମାଦାନି, ଅଶୋକ ପାଢ଼ି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ଆଇନଜୀବୀ ଓ କୋର୍ଟ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦିପାଳି ବୈରାଗୀ ଓ ଅନ୍ୟ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରାୟଗଡ଼ାରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।





ନବରଙ୍ଗପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

